# SET – B

Total No. of printed pages : 11    Roll No. [ ]

**702 R / 702 E / 702 DE (R/E)**

**Reg. / Ex-Reg. / Dis. Edu. (Reg. / Ex-Reg.)**

**M.I.L. (O)**

**(Arts)**

**(For students registered up to 2020)**

## 2022 (A)

**ARTS**

**MODERN INDIAN LANGUAGE**

**(ODIA)**

*Full Marks - 100*

*Time : 3 Hours*

*Answer **all** questions*

ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।

*The figures in the right-hand margin indicate marks.*

ଡାହାଣ ପାର୍ଶ୍ୱ ମାର୍ଜିନରେ ଥିବା ସଂଖ୍ୟା ପ୍ରଶ୍ନର ମୂଲ୍ୟ ସୂଚିତ କରେ ।

*Candidates are required to give their answers in their own words as far as practicable.*

P.T.O.

https://www.odishaboard.com

୧। ପ୍ରତ୍ୟେକ ପ୍ରଶ୍ନତଳେ ଥିବା ଚାରୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ : ୧×୨୫=୨୫

(କ) ଦୁଃଖୀବର୍ଗଙ୍କୁ ଶୋଷଣ କରି ରାଜାମାନେ ବିଦେଶୀଙ୍କୁ କ'ଣ ଖୁଆଉଥିଲେ ?

(ଖିରିପୁରି, ଖୁଦକୁଣ୍ଡା, ବିରିୟାନୀ, କୁକୁଟାଣ୍ଡ)

(ଖ) ଭଙ୍ଗା ମାଠିଆରୁ ପାଣି ବୋହି ଯିବାପରି ମଣିଷ ଜୀବନରୁ କ'ଣ ସରିଯାଏ ?

(ଆୟୁ, ବଳ, ଧନ, ଯୌବନ)

(ଗ) ଲୋଭ ମଦ ତେଜି କେଉଁ ଗୁଣ ଭଜିବାକୁ କୁହାଯାଇଛି ?

(ତମଗୁଣ, ରଜଗୁଣ, ସତ୍ତ୍ୱଗୁଣ, ନିର୍ଗୁଣ)

(ଘ) କାହାକୁ କ୍ରୁର ଓ ଅବିଶ୍ୱାସୀ ବୋଲି କବି କହିଛନ୍ତି ?

(କାଳ, ମନୁଷ୍ୟ, ରାକ୍ଷସ, ହିଂସ୍ରଜନ୍ତୁ)

(ଙ) ତାପସଙ୍କ ଅଶାନ୍ତି-ନାଶକ ବୋଲି କାହାକୁ କୁହାଯାଇଛି ?

(ରାବଣ, ରାମଚନ୍ଦ୍ର, ବାଲ୍ମୀକି, ସୀତା)

(ଚ) 'ଦୂରବନ୍ଧୁ' ବୋଲି ଲେଖକ କାହାକୁ ସମ୍ବୋଧନ କରିଛନ୍ତି ?

(ବାତାୟନ, ବାରିବାହ, ଉତ୍କଳ, ପୁଷ୍ପପୁର)

(ଛ) କାହାଠାରେ ବଦାନ୍ୟତାର ମହତ୍ତ୍ୱ ବଢ଼ିଉଠେ ?

(ଯକ୍ଷ ଠାରେ, ଧନୀ ଠାରେ, ଦରିଦ୍ର ଠାରେ, ରାଜାଙ୍କ ଠାରେ)

(ଜ) ପ୍ରତିଦିନ ଯନ୍ତ୍ର ଦାନବର ପାରଣା ହୋଇ ସୁଦ୍ଧା କିଏ ବଂଶ ବୃଦ୍ଧି କରିଚାଲିଛି ?

(ବଂଶବନ, ସୌଧାବଳୀ, ମେଘାସନ, ମହାବନ)

(ଝ) ଆଜିକାଲି କିଏ ଷାଠିଏ ପଉଟି ପାଇଲେ ତୃପ୍ତ ହୁଅନ୍ତି ?

(ବଦ୍ରିନାଥ, ଗୋରେଖନାଥ, ଦ୍ୱାରିକାନାଥ, ନୀଳାଚଳନାଥ)



https://www.odishaboard.com

(ଞ) ଲେଖକ କାହାକୁ ମହାକୃପଣ ବୋଲି କହିଛନ୍ତି ?
(ଗଜପତି, ଯନ୍ତ୍ରପତି, ଅମ୍ବୁପତି, ରଘୁପତି)

(ଟ) ଲୋକମାନେ ଅଶିକ୍ଷିତ ନିରକ୍ଷର ହୋଇଥିବାରୁ କେଉଁ କାର୍ଯ୍ୟ ଅନେକ ପଛରେ ପଡ଼ିଯାଇଛି ?
(କୃଷି, ଶିଳ୍ପ, ସ୍ୱାସ୍ଥ୍ୟ, ଉନ୍ନୟନ)

(ଠ) କେଉଁ ଖବର କାଗଜରେ 'ଶାସକ ଓ ବିଶେଷଜ୍ଞ' ଶୀର୍ଷକ ଅଗ୍ରଲେଖାଟି ପ୍ରକାଶ ପାଇଥିଲା ?
(ଇଲଷ୍ଟ୍ରେଟେଡ୍ ଉଇକ୍ଲି, ସଣ୍ଡେ ଷ୍ଟାଣ୍ଡାର୍ଡ, ଇଣ୍ଡିଆ ଟୁଡେ, ଇଣ୍ଡିଆନ୍ ଏକ୍ସପ୍ରେସ୍)

(ଡ) ନୋଟ୍ ବହି ପଢ଼ିବା ଲୋକ କେଉଁ ପୁସ୍ତକ ଲେଖିପାରିବ ନାହିଁ ବୋଲି କୁହାଯାଇଛି ?
(ପ୍ରବଂଧ ପୁସ୍ତକ, ଅନୁବାଦ ପୁସ୍ତକ, ମୌଳିକ ପୁସ୍ତକ, ଉପନ୍ୟାସ ପୁସ୍ତକ)

(ଢ) ହୀରାକୁଦ ବନ୍ଧରୁ ପାଣି ଝରିଲା ପରି ସାରା ବର୍ଷଯାକ କ'ଣ ଆସ୍ତେ ଆସ୍ତେ ବାହାରୁଛି ?
(ନୋଟ୍ ବହି, ପରୀକ୍ଷା ଫଳ, ଛୁଟି ତାଲିକା, ଶିକ୍ଷକଙ୍କ ବଦଳି)

(ଣ) ଆଗେ ମାଟ୍ରିକ୍ୟୁଲେସନ୍ ପାସ୍‌କରି ଲୋକେ କେଉଁ କାମ ଚଳାଇ ଦେଉଥିଲେ ?
(ଇନ୍ସପେକ୍ଟର, କଲେକ୍ଟର, ମାଜିଷ୍ଟ୍ରେଟ୍, ତହସିଲଦାର)

(ତ) ତରୁଲତାଗଣ କ'ଣ ଶୁଣି ଅଥୟ ହେଉଥିଲେ ?
(ସୀତାଙ୍କ କ୍ରନ୍ଦନ, ଋଷିଙ୍କ ଓଁକାର ଧ୍ୱନି, ଲବକୁଶଙ୍କ ରାମାୟଣ ଗାନ, ମୁନି କୁମାରଙ୍କ ବେଦଧ୍ୱନି)

(ଥ) ଶିଶୁଦ୍ୱୟ ମହର୍ଷିଙ୍କ ସହିତ କାହାର ପଦ-ପଙ୍କଜ ଦର୍ଶନ କରିବାକୁ ଯାଇଥିଲେ ?
(ଦଶରଥଙ୍କର, ବଶିଷ୍ଠଙ୍କର, ରାମଙ୍କର, ଭରତଙ୍କର)



https://www.odishaboard.com

(ଦ) କ'ଣ ଶୁଣି ସୀତାଙ୍କ ହୃଦୟ ଫାଟିହୋଇ ଯାଉଥିଲା ?

(ଜନକଙ୍କ ଅସୁସ୍ଥତା, ଶିଶୁଦ୍ୱୟଙ୍କ କ୍ରନ୍ଦନ, ରାମଚନ୍ଦ୍ରଙ୍କ ଗତଦୁଃଖର କାହାଣୀ, ରାମଚନ୍ଦ୍ରଙ୍କ ଦ୍ୱିତୀୟ ପତ୍ନୀ ଗ୍ରହଣ)

(ଧ) ଶତାବ୍ଦୀର ସିଂହଦ୍ୱାରରୁ କିଏ ଭବିଷ୍ୟତର ବାର୍ତ୍ତା ଆଣିଛି ?

(ଡାକବାଲା, ମେଘ, ପାରା, ଦୂତ)

(ନ) କେଉଁ ଶାସନରେ ଶାସିତ ଓ ଶାସକ ଏକ ଓ ଅଭିନ୍ନ ?

(ରାଜତନ୍ତ୍ର, ଗଣତନ୍ତ୍ର, ଏକଛତ୍ରବାଦ, ବ୍ୟକ୍ତିତନ୍ତ୍ର)

(ପ) ମେଣ୍ଢାଶାଳରେ ଗଧିଆ କେଉଁ ପୋଷାକରେ ରହେ ?

(ମେଣ୍ଢାର ପୋଷାକ, ଗଧିଆର ପୋଷାକ, ବାଘର ପୋଷାକ, ଛେଳିର ପୋଷାକ)

(ଫ) ଭଲ-ମନ୍ଦ ଚିହ୍ନିବାର ଯୋଗ୍ୟତା ଯେଉଁଠି ନାହିଁ, ସେଠାରେ ମୁଖ୍ୟତଃ କାହାର ଜୟ ହୁଏ ?

(ବ୍ୟକ୍ତିର, ଜନତାର, ପ୍ରୋପାଗାଣ୍ଡାର, ସମାଜର)

(ବ) ଗଣଶିକ୍ଷା ଓ ଗଣଚେତନାର ଅଭାବ ଥିବାଯାଏ କାହାର ସଫଳତା ଆଶା କରିବା ବିଡ଼ମ୍ବନା ?

(ଗଣତନ୍ତ୍ରର, ବ୍ୟକ୍ତିତନ୍ତ୍ରର, ରାଜତନ୍ତ୍ରର, ସମାଜତନ୍ତ୍ରର)

(ଭ) ଦରବାରରେ ଯୋଗ ଦେଇଥିବା ରାଜାମାନଙ୍କର ସର୍ବସ୍ୱ କ'ଣ ଥିଲା ?

(ସୁନା, ରୁପା, ଅଷ୍ଟ ଐଶ୍ୱର୍ଯ୍ୟ, ଗନ୍ତାଘର)



https://www.odishaboard.com

୨। ପ୍ରତ୍ୟେକ ପ୍ରଶ୍ନତଳେ ଥିବା ଚାରୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ : ୧×୨୫=୨୫

(କ) ଉଦ୍ଭଟ କଲ୍ଲପଟିକୁ ଦେଖି ରାଜା କ'ଣ କହିଥିଲେ ?

(ଆଶ୍ଚର୍ଯ୍ୟ, ବିଚିତ୍ର, ଅଦ୍ଭୁତ, ଚମତ୍କାର)

(ଖ) ରାଜାଙ୍କ ଧମକ କିଭଳି ସଭାସଦ୍ ବର୍ଗଙ୍କ କୋହ-କାନ୍ଦଣାକୁ ନିସ୍ତବ୍ଧ କରିଦେଇଥିଲା ?

(ଟ୍ରାକ୍ଟର ଭଳି, ଶଗଡ଼ଭଳି, ବୁଲ୍‌ଡୋଜର ଭଳି, ରେଳଗାଡ଼ି ଭଳି)

(ଗ) 'ଅପରାଧୀ'ର ବିପରୀତ ଅର୍ଥବୋଧକ ଶବ୍ଦଟି କ'ଣ ?

(ନିରପରାଧୀ, ପରାଧୀ, ନିରପରାଧ, ନିର୍ଦ୍ଦୋଷୀ)

(ଘ) 'ଅଳସ' ଶବ୍ଦର ବିପରୀତାର୍ଥବୋଧକ ଶବ୍ଦ କ'ଣ ହେବ ?

(ନଅଳସ, ନିଅଳସ, ନିରଳସ, ନରାଳସ)

(ଙ) କାହାର ସାଧନା ଜୟଲାଭ କରୁ ବୋଲି କୁହାଯାଇଛି ?

(ଶିକ୍ଷାର, ଯନ୍ତ୍ରଣାର, କ୍ରୁସର, ନରବ୍ରହ୍ମର)

(ଚ) କଲିକତା ଆମଦାନି ମାଲ୍ ମଧ୍ୟରେ କିଏ ପ୍ରଧାନ ଥିଲା ?

(ହଳଦୀପତ୍ର, ତେଜପତ୍ର, ଧୂଆଁପତ୍ର, କେନ୍ଦୁପତ୍ର)

(ଛ) ମହାଜନ ବଳରାମ କାହାଠାରୁ ଆକବରୀ ମୋହର କିଣିଥିଲେ?

(ସଉଦାଗର, ଜମିଦାର, ନବାବ, ସରବରାକାର)



https://www.odishaboard.com

(ଟ) ବାବୁ ବଳରାମ କେଉଁ ହୁକାରେ ଗୁଡ଼ାଖୁ ପିଉଥିଲେ ?
(ସୁନାବନ୍ଧା, ରୁପାବନ୍ଧା, ପିତଳବନ୍ଧା, ତମ୍ବାବନ୍ଧା)

(ଠ) ଗୋପାଳଚନ୍ଦ୍ର ମହାପାତ୍ରଙ୍କ ପୁତ୍ରର ନାମ କ'ଣ ?
(ବଳରାମ, ତ୍ରୈଲୋଚନ, ରାଜୀବ ଲୋଚନ, ବିରଚନ)

(ଡ) 'ନାରୀ ସ୍ୱାଧୀନତା-ବିବର୍ଦ୍ଧନୀ' ସଭାର ଅଧିବେଶନ କେଉଁ ବାରରେ ହୁଏ ?
(ସୋମବାର, ମଙ୍ଗଳବାର, ଶୁକ୍ରବାର, ଶନିବାର)

(ଢ) ସୋମନାଥ ମହାପାତ୍ର କେଉଁ ଉପାଧି ପାଇଥିଲେ ?
(ରାୟ ସାହେବ, ରାୟ ବାହାଦୁର, ରାୟ ଚୌଧୁରୀ, ରାୟ ମହାପାତ୍ର)

(ଣ) ବାହାରର କ'ଣ ଘର ଭିତରର ପ୍ରତ୍ୟେକ ଅନ୍ଧକାର କୋଣକୁ ଥରାଇ ଦେଉଥିଲା ?
(ଜୟଧ୍ୱନି, ସ୍ଲୋଗାନ୍, କୋଳାହଳ, ଗଣ୍ଡଗୋଳ)

(ତ) 'ତବତ' ଶବ୍ଦର ବିପରୀତ ଅର୍ଥବୋଧକ ଶବ୍ଦଟି କ'ଣ ହେବ ?
(ଅନବତ, ପଖାଳ, ଗରମ, ଅବତ)

(ଥ) 'ଅତି ସୁନ୍ଦର' ଅର୍ଥ ବୁଝାଉଥିବା ରୂଢ଼ିଟିକୁ ବାଛ ।
(ଯତ୍ନ କଲେ ରତ୍ନ ମିଳେ, ଓଳିଆରୁ ଗଜା, ଗୋଟିଏ ଚାଉଳରେ ଗଢ଼ା, ଜପାମାଳି)

(ଦ) ଶତ୍ରୁ ସାଧିବି କ'ଣ ? ମୋ' ପୁଅ ପରା ________ ।
(ଉପଯୁକ୍ତ ରୂଢ଼ିରେ ଶୂନ୍ୟସ୍ଥାନ ପୂରଣ କର ।)
(କୁହାମୁଣ୍ଡା କପିଳା, ଓଳିଆରୁ ଗଜା, ଗୋବର ଗଣେଶ, ଘର ଢିଙ୍କି କୁମ୍ଭୀର)

(ଧ) 'ବାଆକୁ ବତା' ରୂଢ଼ିର ଅର୍ଥ କ'ଣ ?
(କଷ୍ଟ ପରେ କଷ୍ଟ, ଅତି ଦୁଷ୍ଟ, କ୍ଷୀଣ ଆଶ୍ରୟ, ଦଳରୁ ଅଲଗା)



https://www.odishaboard.com

(ନ) 'ଅସହାୟର ସହାୟ' ଅର୍ଥ ପ୍ରକାଶ କରୁଥିବା ରୂଢ଼ିଟିକୁ ବାଛ ।
(ଅନ୍ଧର ଲଉଡ଼ି, ଗୋଠ ଖଣ୍ଡିଆ, ଆକାଶ କୁସୁମ, ଅନ୍ଧ ବୁଝାମଣା)

(ପ) କେଉଁ ବାକ୍ସରେ ଅତି ଯତ୍ନରେ ସୁରକ୍ଷିତ ଥିଲା ପରଲୋକଗତ ଅରୁଣର ଫଟୋ ଖଣ୍ଡିକ ?
(ଟିଣ, ଦସ୍ତା, ଭେଲଭେଟ୍, ଲୁହା)

(ଫ) ୧୯୨୩ ସାଲରେ ସୋମନାଥ ମହାପାତ୍ର ବ୍ରିଟିଶ ସମ୍ରାଟଙ୍କ ଠାରୁ କ'ଣ ପ୍ରାପ୍ତ ହୋଇଥିଲେ ?
(ପୁରସ୍କାର, ସନନ୍ଦ, ମାନପତ୍ର, ସମ୍ବର୍ଦ୍ଧନା)

(ବ) ହେମମାଳା କେତେ ବର୍ଷଧରି ଏମିତି କାନ୍ଦ କାନ୍ଦି ନଥିଲେ ବୋଲି କୁହାଯାଇଛି ?
(୧୫ ବର୍ଷ, ୨୦ ବର୍ଷ, ୨୫ ବର୍ଷ, ୩୦ ବର୍ଷ)

(ଭ) କେଉଁ ସମୟରେ ଦୁଇଟି ହଂସ ସରୋବରରେ ଉପନୀତ ହେଉଥିଲେ ?
(ଶୀତଋତୁ, ବସନ୍ତଋତୁ, ବର୍ଷାଋତୁ, ଗ୍ରୀଷ୍ମଋତୁ)

(ମ) ''ହଂସମାନେ ଯୁଗେ ଯୁଗେ ବିଶ୍ୱାସଘାତକ''—ଏହା କିଏ କହିଛି?
(ଘରଚଟିଆ, ପାରା, କାକ, ବକ)

୩। ଲେଖା ଓ ଲେଖକଙ୍କ ନାମୋଲ୍ଲେଖ ସହ ପ୍ରତ୍ୟେକ ବିଭାଗରୁ ଅନ୍ୟୁନ ତିନୋଟି କରି **ଦଶଟି** ପ୍ରଶ୍ନର ଉତ୍ତର ଦିଅ : ୨×୧୦=୨୦

(କ) (i) 'କଳିଙ୍ଗ' ଖବର କାଗଜରେ କେଉଁ ଶୀର୍ଷକରେ ଉପାଗ୍ର ଲେଖାଟି ପ୍ରକାଶ ପାଇଥିଲା ?

(ii) ଆଜିକାଲି ଆମ ଦେଶରେ ଅଗଣିତ ପାଣ୍ଡ, ରାଧୁ ଆଉ ଆଗାଧୁ କେଉଁ ଉଦ୍ଦେଶ୍ୟରେ ବାହାରି ପଡ଼ିଛନ୍ତି ?



https://www.odishaboard.com

(iii) ବାରିବାହ ସ୍ପର୍ଶରେ ପୁଷ୍ପପୁର କ'ଣ ହୋଇଉଠିବ ?

(iv) ସମ୍ବଲପୁରରେ ତନ୍ୱୀ ମହାନଦୀ ଉପଳ ଶଯ୍ୟାରେ ଯାଉଁ ଯାଉଁ କ'ଣ କରେ ?

(v) ଜଣେ ବି.ଏ. ଛାତ୍ରଙ୍କୁ ମାତୃଭାଷାରେ ଚିଠିଟିଏ ଲେଖିବାକୁ କହିଲେ କ'ଣ ହେବ ବୋଲି ଲେଖକ କହିଛନ୍ତି ?

(ଖ) (i) ଭଗବାନ କାହିଁକି ଧର୍ମପୋତ ଗଢ଼ିଛନ୍ତି ?

(ii) ଭସ୍ମ ମଧ୍ୟରୁ କି ଦୀକ୍ଷା ଲାଭ କରିବା ପାଇଁ କବି କହିଛନ୍ତି?

(iii) ନବବାମା କିଏ ଓ ସେ କେଉଁଠି ଦୀକ୍ଷିତ ହୋଇଥିବେ ?

(iv) 'ମୋତେ ନ କରିବ ହେୟ'—ଏହା କେଉଁ ପ୍ରସଂଗରେ କୁହାଯାଇଛି ?

(v) ପିତୃଗଣ ରାଜ୍ୟକୁ କିପରି ମନେକରୁଥିଲେ ?

(ଗ) (i) "ଆପଣ ଅନ୍ୟାୟ କରୁଛନ୍ତି ବାପା"—ଏହା କିଏ, କାହାକୁ ଓ କାହିଁକି କହିଛି ?

(ii) ସଭାସଦ୍ ବର୍ଗ କଚ୍ଛପକୁ କିପରି ଅନାଇ ରହିଲେ ?

(iii) ମହାକାଶରେ କଚ୍ଛପ ଉଡ଼ି ଚାଲିଯିବାର ଦେଖି ବକଟିଏ କି ପ୍ରତିକ୍ରିୟା ପ୍ରକାଶ କରିଥିଲା ?

(iv) ବଳରାମ ବଳଙ୍କ ଓଡ଼ିଶାରେ କାହିଁକି ନାମ ଡାକ ଥିଲା?

(v) ବାବୁ ଧାଇଁଆସି ଗୋପାଳଙ୍କୁ କାହିଁକି କୁଣ୍ଢାଇ ପକାଇଲେ?

ପ୍ରାଣରେ ଅବିରାମ ଗତିରେ ବହୁଅଛି ।

(vi) କଲିକତା ବଳବାବୁ ମହାଜନ ଗଦି ସାଂଗରେ କେଉଁମାନଙ୍କ

https://www.odishaboard.com

୪। ନିମ୍ନପ୍ରଦତ୍ତ ଅନୁଚ୍ଛେଦଟି ପାଠକରି ତା' ତଳେ ଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ :

୨×୫=୧୦

ସୌନ୍ଦର୍ଯ୍ୟ ମୂର୍ତ୍ତି ନାନାପ୍ରକାର । ଏହି ଜଡ଼ଜଗତ ଏବଂ ଅନ୍ତର୍ଜଗତର ସର୍ବତ୍ର ହିଁ ସୌନ୍ଦର୍ଯ୍ୟ ବିରାଜିତ । ଫଳ, ଫୁଲ, ଜଳ, ସ୍ଥଳ, ଅନଳ, ଚନ୍ଦ୍ର, ସୂର୍ଯ୍ୟ, ଗ୍ରହ, ଉପଗ୍ରହ, ବ୍ୟୋମ ପ୍ରଭୃତି ସର୍ବତ୍ର ହିଁ ସୌନ୍ଦର୍ଯ୍ୟ । ପ୍ରକୃତି ସୌନ୍ଦର୍ଯ୍ୟମୟୀ - ଅନନ୍ତ ସୌନ୍ଦର୍ଯ୍ୟର ଭଣ୍ଡାର । ନିତ୍ୟନୂତନ ସୌନ୍ଦର୍ଯ୍ୟର ଉତ୍ସ ଜୀବଜନ୍ତୁ, ପଶୁ, ପକ୍ଷୀ, କୀଟ, ପତଙ୍ଗ, ପ୍ରାଣୀମାନଙ୍କର

ସୌନ୍ଦର୍ଯ୍ୟ ସହିତ ମିଶି ଏକ ହିଁ ଉଦ୍ଦେଶ୍ୟରେ ସେହି ଚିର ଲକ୍ଷ୍ୟପଥରେ ଖରତର ବେଗରେ ପ୍ରଧାବିତ । ପ୍ରକୃତିର ସନ୍ତାନ ସେହି ସୁଧାପାନରେ ଅମର ହେଉଅଛି । ପ୍ରଭାତ ହେଲା, ମୃଦୁ ମଳୟବାୟୁ ଧୀରେ ଧୀରେ ବହୁଅଛି, ବିହଙ୍ଗମସମୂହ ସୁଲଳିତ ସ୍ୱରରେ ପ୍ରଭାତୀ ବନ୍ଦନା ଆରମ୍ଭ କଲେ, ଭ୍ରମରକୁଳ ପ୍ରସ୍ଫୁଟିତ କୁସୁମର ମଧୁପାନରେ ପ୍ରମତ୍ତ ହେଲେ, ଦିନକର ସ୍ୱର୍ଣ୍ଣକର ଢାଳିଦେଇ ଆରକ୍ତ ଲୋଚନରେ ଚାହିଁଲେ, ଅନନ୍ତ

ପରିବର୍ତ୍ତନ । ସୁନୀଳ ଆକାଶ ବର୍ତ୍ତମାନ ବିଚିତ୍ରରୂପ ଧାରଣ କରିଅଛି । ଆକାଶର ଚତୁର୍ଦ୍ଦିଗ ନୀଳ, ପୀତ, ଶ୍ୱେତ, ଲୋହିତ, କୃଷ୍ଣ ଧୂସର ପ୍ରଭୃତି ନାନାବର୍ଣ୍ଣରେ ରଞ୍ଜିତ, ତଟିନୀ ଏହି ସମସ୍ତ ରଙ୍ଗରେ ରଞ୍ଜିତ ହୋଇ ନିଜର ମନରେ ପ୍ରଧାବିତ । ପଶୁପକ୍ଷୀ ସ୍ୱ-ସ୍ୱ ଆବାସକୁ ପ୍ରତ୍ୟାବର୍ତ୍ତନ



https://www.odishaboard.com

ପ୍ରଶ୍ନାବଳୀ :

(କ) ସୌନ୍ଦର୍ଯ୍ୟ କେଉଁଠାରେ ବିରାଜିତ ?

(ଖ) ନିତ୍ୟ ସୌନ୍ଦର୍ଯ୍ୟର ଉତ୍ସ କେଉଁଠି ବହୁଅଛି ?

(ଗ) ପ୍ରକୃତିର ସନ୍ତାନ କାହିଁକି ଅମର ହୋଇଅଛି ?

(ଘ) ଗୋଧୂଳି ସମାଗମରେ କି ପରିବର୍ତ୍ତନ ପରିଲକ୍ଷିତ ହୁଏ ?

(ଙ) ସନ୍ଧ୍ୟାକାଳୀନ ପ୍ରକୃତିର ରୂପ କିପରି ଦେଖାଯାଏ ?

୫। ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ : ୪

(କ) କରୋନା-ମହାମାରୀରୁ ସୁରକ୍ଷା ସକାଶେ ସଚେତନ କରାଇ

(ଖ) ତୁମ ଅଞ୍ଚଳରେ ଜଳକଷ୍ଟ ଦୂର କରିବା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଦରଖାସ୍ତ ଲେଖ ।

୬। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୧୫୦ ଟି ଲେଖାଏଁ ଶବ୍ଦରେ ଲେଖ । ୫×୩= ୧୫

(କ) 'ପୁଷ୍ପ ପୁରରେ ବର୍ଷା ବରଣ' ପ୍ରବନ୍ଧରୁ ଲେଖକଙ୍କ ଜନ୍ମଭୂମି ପ୍ରୀତିର ସୂଚନା ଦିଅ ।

*ଅଥବା*

'ତିନି ତୁଣ୍ଡରେ' ପ୍ରବନ୍ଧର ନାମକରଣର ସାର୍ଥକତା ବିଚାର କର ।



https://www.odishaboard.com

(ଖ) 'ତପସ୍ୱିନୀର ପତ୍ର' କବିତାରୁ ସୀତାଙ୍କ ମହନୀୟତା ପ୍ରତିପାଦନ କର ।

*ଅଥବା*

ବାର୍ତ୍ତା କବିତାରୁ କବିଙ୍କ ବୈପ୍ଲବିକ ଚେତନାର ପରିଚୟ ଦିଅ ।

(ଗ) 'ତଥାପି ତୋ' ପତାକାର ଜୟ ହେଉ ।'—ଏହା କେଉଁ ପ୍ରସଂଗରେ କୁହାଯାଇଛି ଆଲୋଚନା କର ।

*ଅଥବା*

'ସଭ୍ୟ ଜମିଦାର' ଗଳ୍ପରୁ ଗୋପାଳର ଚରିତ୍ର ଚିତ୍ରଣ କର ।

**https://www.odishaboard.com**
**Whatsapp @ 9300930012**
**Send your old paper & get 10/-**
**अपने पुराने पेपर्स भेजे और 10 रुपये पायें,**
**Paytm or Google Pay से**

https://www.odishaboard.com